# Rediffusion/Edelman

CoverageReport: TCS IT Wiz – Bhubaneswar Edition (Post -event)

**Publication:** Kholadwara
**Date:** 13/09/2014
**Edition:** Bhubaneswar
**Page No:**2
**Headline:**DAV Pokhariput School wins Bhubaneswar edition of TCS ITW WIZ 2014

### ଟିସିଏସ୍ ଆଇଟି ୱିଜ୍ ମେଗାଫାଇନାଲ୍

## ପୋଖରୀପୁଟ ଡିଏଭିର ଦିବ୍ୟେନ୍ଦୁ ଏବଂ କ୍ରିଷ୍ଣେନ୍ଦୁ ପ୍ରଥମ




ଭୁବନେଶ୍ୱର, ୧୨।୯(ନି.ପ୍ର) : ଭୁବନେଶ୍ୱର ଜୟଦେବ ବିହାର ରୋଡ୍‌ସ୍ଥିତ ପାଲ୍ ହାଇଟ୍ସରେ ଅନୁଷ୍ଠିତ ଟିସିଏସ୍ ଆଇଟି ୱିଜ୍‌ରେ ବିଭିନ୍ନ ସିଟି ସ୍କୁଲ୍‌ର ପ୍ରାୟ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଦେଶର ପ୍ରମୁଖ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଆୟୋଜିତ ଟିସିଏସ୍ ଆଇଟି ୱିଜ୍ ହେଉଛି ଭାରତର ସର୍ବବୃହତ୍ ଆନ୍ତଃବିଦ୍ୟାଳୟ ସ୍କୁଲ୍ ଆଇଟି କ୍ୱିଜ୍ କାର୍ଯ୍ୟକ୍ରମ। ଭୁବନେଶ୍ୱର ସଂସ୍କରଣ ଆଞ୍ଚଳିକ ଫାଇନାଲ୍‌ରେ ଡିଏଭି, ପୋଖରୀପୁଟ୍‌ର ଦିବ୍ୟେନ୍ଦୁ ମିଶ୍ର ଏବଂ କ୍ରିଷ୍ଣେନ୍ଦୁ ମହାପାତ୍ର ସେମାନଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଞ୍ଚଳିକ ରାଉଣ୍ଡ ବିଜେତାଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପ୍ରଦାନ କରାଯାଇଥିଲା ବେଳେ ବହୁ ଆଇଟି ଜ୍ଞାନଧାରୀ ଛାତ୍ରଛାତ୍ରୀଙ୍କ ସହ ପ୍ରତିଯୋଗିତା ପରେ ରନର୍ସ ଅପ୍ ହୋଇଥିବା ଡିପିଏସ୍, କଳିଙ୍ଗର ଅକ୍ସଦ୍ ଏବଂ ଅଂଶୁମାନଙ୍କୁ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ମିନି ଏବଂ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଏବଂ ମେଡାଲ୍ ଦିଆଯାଇଥିଲା। ୬ ଚୂଡ଼ାନ୍ତ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ସ୍ପେସ୍ ପ୍ୟାକ୍, ସିପର୍‌ସ, ଇୟରଫୋନ୍, ୟୁଏସ୍‌ବି ପେନ୍ ଡ୍ରାଇଭ୍, ସ୍ପିକର୍ସ, ପ୍ରଭୃତି ପ୍ରଦାନ କରାଯାଇଥିଲା। ଉଭୟ ଆଞ୍ଚଳିକ ବିଜେତା ଟିସିଏସ୍ ଆଇଟି ୱିଜ୍ ମେଗା ଫାଇନାଲ୍‌ରେ ଭୁବନେଶ୍ୱର ପାଇଁ ପ୍ରତିନିଧିତ୍ୱ କରିବେ। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୁଦ୍ର ନାରାୟଣ ପଲ୍ଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଇଣ୍ଟେଲିଜେଣ୍ଟ୍ ଏବଂ ଇଣ୍ଟରେଷ୍ଟିଂ ପ୍ରଶ୍ନ ସମେତ ସଫ୍ଟୱେର ଆଧାରିତ ରାଉଣ୍ଡ, ଗେମିଫିକେସନ୍ ଓ ଆନିମେସନ୍ ମାଧ୍ୟମରେ ଟିସିଏସ୍ ଆଇଟି ୱିଜ୍ କ୍ୱିଜ ଦୁନିଆରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଚଳିତ ବର୍ଷ ଏହି ପ୍ଲାଟ୍‌ଫର୍ମରେ ସାରା ବିଶ୍ୱରେ ଥିବା ଜ୍ଞାନକୌଶଳ ଟ୍ରେଣ୍ଡ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୱିଜ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏହି ଜ୍ଞାନକୌଶଳ ବୁଝିବା ଦ୍ୱାରା ଭବିଷ୍ୟତରେ ବେଶ୍ ଉପକୃତ ହେବେ । ଟିସିଏସ୍ ଆଇଟି ୱିଜ୍ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପାଠ ପଢ଼ୁଥିବା ହାଇସ୍କୁଲ୍ ଛାତ୍ରଛାତ୍ରୀ (ଜୁନିଅର୍ କଲେଜ ଛାତ୍ରଛାତ୍ରୀଙ୍କ ସମେତ)ଙ୍କ ନିମନ୍ତେ ଖୋଲା ଥିଲା। ଏଥିପାଇଁ କୌଣସି ଏଣ୍ଟ୍ରି ଫି' ନଥିଲା। ସେହିଭଳି କ୍ୱିଜ୍ ସମୟରେ ଏକ ଇଣ୍ଟାରାକ୍ଟିଭ୍ ଟ୍ୱିଟର କଣ୍ଟେଷ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ଆମର ସୋସିଆଲ୍ ମିଡ଼ିଆ ଅଂଶ ସ୍ୱରୂପ ଛାତ୍ରଛାତ୍ରୀମାନେ ଏଥିରେ ରିଅଲ୍ ଟାଇମ୍‌ରେ ଅଂଶଗ୍ରହଣ କରିଥିଲେ।

ଟ୍ୱିଟ୍ କରନ୍ତୁ ଏବଂ ମାଇଲେଜ୍ ଜିତନ୍ତୁ : ଆଞ୍ଚଳିକ ଫାଇନାଲ୍‌ରେ ପ୍ରାୟ ୮,୦୦୦ଟି ଲାଇଭ୍ ଟ୍ୱିଟ୍ ରେକର୍ଡ କରାଯାଇଥିଲା। ଦୁଇ ଜଣ ପ୍ରମୁଖ ବିଜେତାଙ୍କୁ ଏକ କ୍ୟାପ୍ ଏବଂ ବ୍ଲୁଟୁଥ୍ ସ୍ପିକର୍ ପ୍ରଦାନ କରାଯାଇଥିଲା। ଟ୍ୱିଟର ପ୍ରତିଯୋଗିତାରେ ମାଇଲେଜ୍ ରୋଜଗାର କରିବାର ବ୍ୟବସ୍ଥା ରହିଥିଲା, ଯେଉଁଥିରେ ପ୍ରତି ଟ୍ୱିଟ୍ ସେମାନଙ୍କୁ ଗୋଟିଏ ଲେଖାଏଁ ପଏଣ୍ଟ, ଛବି ପାଇଁ ୩ ପଏଣ୍ଟ ଏବଂ ରିଟ୍ୱିଟ୍ ପାଇଁ ୫ ପଏଣ୍ଟ ମିଳୁଥିଲା। ୧୪ଟି ସହର ମଧ୍ୟରୁ ସର୍ବାଧିକ ଟ୍ୱିଟ୍ ହାସଲ କରିଥିବା ଛାତ୍ରଛାତ୍ରୀ ମୁମ୍ବାଇରେ ହେବାକୁ ଥିବା ଟିସିଏସ୍ ଆଇଟି ୱିଜ୍ ମେଗା ଫାଇନାଲ୍ ଦେଖିବାର ସୁଯୋଗ ପାଇବେ ।